# 13th YEAR CELEBRATION

HAPPY RAJA TO ALL FRIENDS AND FAMILY

# Raja Parba London 2020

# E-Magazine

ODIA CULTURAL ASSOCIATION LONDON(OCAL)

*Dear All,*

*Happy Raja to everyone!*

*This is our 13th year celebration of Raja festival in London by Odia Cultural Association London (OCAL). Due to current situation and prevailing condition we were unable celebrate on the ground and hence decided to offer an alternative as 1st ever virtual **"Odia Raja Parba 2020"** celebration. Welcome all of you and join us on 20th June evening to participate and view the performances from our UK talented artists and celebrity artists from Odisha to celebrate the festival.*

*This magazine is a celebration of the Raja festival which provides a communication platform to the Odia's in London. Most critically this also exposes our younger generation to our Odia tradition and culture which is an opportunity to demonstrate their writing talents and skills.*

*Our sincere thanks to all contributors and the members of OCAL for making these celebrations on going over years. We also thanks to the Odia friends and family who joins us every year and this year virtually online.*

*We hope you enjoy reading this magazine and continue to encourage us and our children to publish more and more in the years to come.*

*Wish you all a fun filled Raja festival celebration with everyone!!!*

*Jay Jaganath,*

*Umakant Rout*

*Odia Cultural Association London ( OCAL )*

# **ରଜ ର ମହକ:**

ଦୁର କୃଷ୍ଣଚୁଡା ର ଶାଖା ରେ
କୋଇଲିର ଲୁଚକାଳି ଖେଳ ରେ ହସି ହସି ଆସେ ରଜ।
ନିଦାଘ ର ଝିପି ଝିପି ବରଷା ରେ, ଅଧା ଭିଜା ମାଟି ର ବାସ୍ନା ରେ,
ପାଦ ଦେଇ ଆସେ ରଜ।

ମଲ୍ଲୀ, ମାଳତୀ ଓ ଗଂଗଶିଉଳିର
ମହକ ରେ ଭାସି ଆସେ ରଜ।
ଆମ୍ବ ଗଛ ର ଡାଳରେ
ହଳଦୀ ବସନ୍ତ ସାଂଗେ ଖଂଡି ଉଡା ଦେଇ
ଲହରି ଆସେ ରଜ।

ସୁନା ନାକୀ ଭଉଣୀ ର ଶାଢୀ, ଚୁଡି
ସଜବାଜ ରେ ଝିଲ ମିଲି ଦିଶିଯାଏ ରଜ।
କୁଆଁରୀ ର ପାଉଁଜି ରେ, ଚନ୍ଦନ ଟୋପାରେ
ରୁଣୁଝୁଣୁ କରି ଆସେ ରଜ।

ଛୁଇଁ ଯାଏ ତୁମ ଆମ ସଭିଁଂକ ମନ ଆକାଶ କୁ,
ଭେଦି ଯାଏ ହୃଦୟରୁ ଆତ୍ମା କୁ,
ଧରଣୀ ବୁକୁରୁ ନୀଳ ଆକାଶ କୁ
ଛିଂଚି ଯାଏ କେତେ ଅଭୁଲା ସ୍ମୃତିକୁ।
ହସାଏ, ଭସାଏ, ଖେଳାଏ
ମନ ଖୋଲି ମୁଁ ବି ହସି ଦିଏ ଥରେ,
ମୋ ପାଇଁ, ମା, ମାଟି ପାଇଁ ।

ତା କୋଳ ର ସେ ନିଆରା ପିଲାଦିନପାଇଁ
ଦୁର ଦିଗ୍ ବଳୟ ରେ ଦିଶିଯାଏ ସେ ଅତୁଳ ଚିତ୍ର, ପିଠାପଣା,
ଦୋଳି ଖେଳ ଓ ସାଂଗ ସାଥୀଂକ ମଉଜ।
ଦୁଖସୁଖ ର ଫେନ୍ଟାଫେନ୍ଟି ସଂସାର ଭିତରେ,
ମୁଁ ଟିକେ ଝୁଲି ଯାଏ ମନପବନ ଦୋଳି ରେ,
ତା କୋଳ ରେ,
ସେ ଡାଳରେ,
ନୀଳ ଆକାଶ ର ଭସା ବାଦଲ ରେ।

**ଲେଖା: ମିତା ମହାରଣା**

## ଜୀବନିକା

### ଓଡ଼ିଆ ମୁ

କଳିଙ୍ଗ ମାଟିର ସନ୍ତାନ ମୁହିଁ
ଧମନୀରେ ନାହିଁ କିନ୍ତୁ ବିରର ଶୋଣିତ .
ଧର୍ମପଦର ଦାୟାଦ ହୋଇ ବି
ଜାତି ପାଇଁ ଆତ୍ମବଳି ଦେବାକୁ କୁଣ୍ଠିତ |

ମୋ ଜାତିକୁ ଦିନେ ମଧୁ ବାରିଷ୍ଟର
ଶିଖାଇଲେ ସ୍ୱାଭିମାନ ,
ଅଥଚ ମୁ ଆଜି ହାତ ପ|ତିବାରେ
ମଣେ ନାହିଁ ଅପମାନ |

ଫକୀରମୋହନ ମୋ ଭାଷା ବଞ୍ଚାଇ
ଟେକ ରଖିଥିଲେ ଲଢ଼ି ,
ଲାଜ ଲାଗେ ମୋତେ ମୋ ମା'  ଭାଷାକୁ
ପାରୁ ନାହିଁ ଲେଖି, ପଢି |

ଗୋପବନ୍ଧୁଙ୍କର ସେବା , ମନବତା
ତ୍ୟାଗ ଆଉ ଆଦରସ ,
ଭୁଲିଛି ମୁ ତାକୁ ସ୍ୱାର୍ଥ ବସ ହୋଇ
ପାଲଟିଚି କାପୁରୁଷ  |

ତଥାପି ଓଡ଼ିଆ ଭାବରେ ଗର୍ବିତ
ପ୍ରିୟ ମୋର ଭାଷା , ପ୍ରିୟ ମୋ ଓଡ଼ିଆ ଭୂଇଁ  ,
ଶପଥ ନେଇଛି କଥାରେ , କାମରେ
ଓଡ଼ିଆରେ ପୁର୍ଣ ପରିଚୟ ଯିବି ଦେଇ  |

**ଡା଼ଃ ଗଣେଶ୍ୱର ସାହୁ**

# କଣ୍ଟା ଚାମଚ

କଣ୍ଟା ଚାମଚ ଟିକୁ ସିଧା କରି ରଖିବା ପାଇଁ ସ୍ୱାମୀଙ୍କର ବାରମ୍ବାର ଇସାରାକୁ ବୁଝିପାର ନ ଥାଏ ସୁମତି | କିମିତି ବା ବୁଝିବ? ଏତେ କମ ବୟସ ରେ ତାକୁ ବିବାହ କରିଦିଆ ଗଲା | ଓଡିଶା ର ଏକ ଛୋଟ ଗାଁରେ ମାତ୍ର ଷୋହଳ ବର୍ଷ ବୟସର ଝିଅ | ସଂସାରକୁ ଭଲ ଭାବରେ ଚିହିଁବା ଆଗରୁ ସେ ଯେ ବୈବାହିକ ଜୀବନ ଭିତରେ ହଠାତ ପ୍ରବେଶ କରିଯିବ, ଏ କଥା ସ୍ୱପ୍ନରେ ସୁଦ୍ଧା ଭାବିପାରି ନ ଥିଲା ସୁମତି | ଜଣେ ଆର୍ମି ଅଫିସରଙ୍କୁ ଜୋଇଁ ଭାବରେ ପାଉଛନ୍ତି ଯେତେବେଳେ , ଏପରି ପ୍ରସ୍ତାବକୁ ହାତଛଡା କରିବାକୁ ଚାଁହୁନଥିଲେ ସୁମତିର ବାପା ମା |

ବିବାହ ପରେ କେଇଟା ଦିନ ଶାଶୂଘର ଗାଁ ରେ କଟାଇଛିକି ନାହିଁ ସ୍ୱାମୀଙ୍କ ସହିତ ଚାଲି ଆସିଲା ବନାରସ | ସ୍ୱାମୀ ତା'ର ଇଣ୍ଡିଆନ ଆର୍ମି ରେ ମଜର ପାହ୍ୟାରେ ନିଯୁକ୍ତ ଜଣେ ଡାକ୍ତର | ନୂଆ ଜାଗା , ନୂଆ ପରିବେଶ , ନୂଆ ନୂଆ ମଣିଷ | ଆଗରୁ ଦେଖି ନ ଥିବା ଅଦାବ କାୟଦା ସୁମତିକୁ ବଡ ଅଡୁଆରେ ପକାଇ ଦେଇଥିଲା |

କେତେ ନାଇଁ ନାଇଁ କରୁଥିଲା ସୁମତି | ପାର୍ଟିକୁ ଯିବନାହିଁ | ହେଲେ ସ୍ୱାମୀଙ୍କର ଏକା ଜିଦି ସୁମତି ନ ଗଲେ ସେ ମଧ୍ୟ ଯିବେ ନାହିଁ | କହିଲେ "ପାର୍ଟି ଫାର୍ଟି କୁନଗଲେ ସେ ବିଷୟରେ ଜାଣିବ କେମିତି ? ଆର୍ମି ଲାଇଫର କାୟଦା କଟକଣା ଶିଖିବ କେମିତି ? "

ସ୍ୱାମୀଙ୍କ ସହ ସାମାନ୍ୟ ତର୍କ ବିତର୍କ ପରେ ଶେଷରେ ହାର ମାନିଲା ସୁମତି | ରୁଚିପୂର୍ଣ୍ଣ ଈଷତ ନୀଳ ରଙ୍ଗର ଶାଢ଼ୀ ପିନ୍ଧି , ନିଜକୁ ସଜେଇ ସାଜେଇ ବାହାରି ପଡିଲା ସ୍ୱାମୀଙ୍କ ସହିତ | କର୍ନେଲ ସିଂହ ତାଙ୍କୁ ଡାକିଥିଲେ ତାଙ୍କ ଘରକୁ ଡିନର ପାଇଁ | ଖବରଟି ଜାଣିବା ପରଠାରୁ ସୁମତିର ଗୋଡ ହାତ ଥରିବା ଆରମ୍ଭ ହୋଇଗଲା | ଛାତି ଭିତରଟା ଖାଲି ଧଡ଼ ଧଡ଼ ହେଉଥିଲା | କଣ ସେ କରିବ ?

ଭଗବାନ କିନ୍ତୁ ତାକୁ ବଞ୍ଚାଇଦେଲେ | କର୍ନେଲ ସିଂହଙ୍କ ପ୍ରକାଣ୍ଡ ଲନରେ ଯାଇ ବସିଛନ୍ତିକି ନାହିଁ ବାଟମ୍ୟାନ ମଦ ଗ୍ଲାସ ସହିତ ଅରେଞ୍ଜ ଜୁସ ବି ଆଣିଥିଲା ଟ୍ରେ ରେ | ସୁମତି ଚାଟ କିନା ଅରେଞ୍ଜ ଜୁସର ଗ୍ଲାସଟିକୁ ଉଠାଇ ଆଣିଲା ଓ ଅଶ୍ୱସ୍ତିର ନିଶ୍ୱାସଟିଏ ମାରିଲା |

ତା ପରେ ଚାଲିଲା ବାର୍ତାଳାପ , ହସଖୁସି | ସ୍ଲୋ ମ୍ୟୁଜିକ ଚାଲିଥାଏ | ପରିବେଶ ଟି ସୁମତିକୁ ଭଲ ଲାଗୁଥିଲେ ମଧ୍ୟ ମନ ଭିତରେ ବସା ବାନ୍ଧିଥାଏ ଅହେତୁକ ଭୟ | କର୍ନେଲ ସିଂହ ଏବଂ ତାଙ୍କ ପତ୍ନୀଙ୍କର କଥାବାର୍ତାକୁ ଅଳ୍ପ ଅଳ୍ପ ବୁଝିପାରୁଥାଏ ସୁମତି | କିନ୍ତୁ ସବୁକିଛି ବୁଝିପାରୁଥିବାର ଅଭିନୟ କରିବା ପାଇଁ ମଝିରେ ମଝିରେ ହସି ଦେଉଥାଏ ଦାନ୍ତ ଦିଧାଡି ଦେଖାଇ | ଖାଲି ମନେ ମନେ ଠାକୁରଙ୍କୁ ଡାକୁଥାଏ ସେ ଯେମିତି ଲଜ୍ଜିତ କି ଅପମାନିତ ନ ହେଉ |

ଡ୍ରିଂକ୍ସ ପର୍ବ ସରିଗଲା ପରେ ସେମାନେ କର୍ନେଲ ସିଂହଙ୍କ ଡ୍ରଇଂ ରୁମ ଭିତରକୁ ଗଲେ | ଖୁବ ସୁନ୍ଦେର ଭାବେ ମିସେସ ସିଂହ ସଜାଇଛନ୍ତି ତାଙ୍କ ଘରକୁ | କିଛି ସମୟ ପରେ ମି. ସିଂହ ଆସି କହିଲେ ଏବେ ଡିନର ପ୍ରସ୍ତୁତ | ସମସ୍ତେ ଉଠିପଡ଼ିଲେ | ସୁମତି ମଧ ଉଠିଲା ତାଙ୍କ ସହିତ | ସମସ୍ତେ ଡାଇନିଂ ହଲକୁ ଚାଲିଲେ |

ବାଃ ଟେବୁଲଟି କି ସୁନ୍ଦର ଭାବେ ସଜା ହୋଇଛି | ସବୁ ଆଡକୁ ଆଗ ଆଖି ବୁଲାଇ ଥରେ ଦେଖିଗଲା ସୁମତି | ଟେବୁଲରେ ଓଲଟା ହେଇ ଥୁଅ ହୋଇଥିବା ପ୍ଲେଟ ଗୁଡ଼ିକରୁ ସମସ୍ତେ ଗୋଟିଏ ଗୋଟିଏ ଧରି ସିଧା କରି ରଖିଲେ ଓ ପାଖରେ ଥିବା କଣ୍ଟା ଚାମଚ ଉଠାଇ ଧରିଲେ | ହେଲେ ତାଙ୍କ ସ୍ୱାମୀ ତାକୁ ଏଇ କଣ୍ଟା ଚାମଚରେ ଖାଇବାକୁ ପଡିବ ବୋଲି ତ କିଛି କାହିଁ କହି ନ ଥିଲେ |

ମନେ ମନେ ଭାରି ରାଗିଗଲା ସୁମତି ସ୍ୱାମୀଙ୍କ ଉପରେ | ଖାଲି କଣ କଣ୍ଟା ଚାମଚ, ଛୁରୀ ଆଉ କେତେ କଣ ରହିଛି ପ୍ଲେଟ ପାଖରେ | କ'ଣ ଏବେ ସେ କରିବ ?

କଣ୍ଟା ଚାମଚ ପରିବର୍ତେ ଚାମଚ ଟିଏ ଉଠାଇଆଣିଲା ସୁମତି | ସମସ୍ତେ ଖାଇବା ଆରମ୍ଭ କଲେ | ଚାମଚରେ ଖାଇବାର କାଏଦା ଜଣା ନଥିଲା ସୁମତିକୁ | ତେଣୁ ଖାଇଲା ବେଳେ ପ୍ଲେଟରେ ଚାମଚ ବାଜି ଠକ ଠକ ଶବଦ ହେଲା | ସମସ୍ତେ ଅନାଇଲେ ତା ଆଡକୁ | ସ୍ୱାମୀ ଟିକିଏ କ୍ଷୁବ୍ଧ ହେଲାପରି ମନେ ହେଲା ସୁମତିକୁ |

ସୁଇଟ ଡ଼ିସ ପରେ ଖାଇବା ପର୍ବର ପରିସମାପ୍ତି ଘଟିଲା | 'ବାଏ' 'ଗୁଡ଼ ନାଇଟ' ର ସମ୍ଭାଷଣ ଭିତରେ ଘରକୁ ଫେରିଗଲେ ସମସ୍ତେ | ତା ପରେ ଘରେ ପହଂଚୁ ନ ପହଂଚୁ ଆରମ୍ଭ ହୋଇଗଲା ସ୍ୱାମୀଙ୍କର ବିରକ୍ତି | କହିଲେ - ଏତେ ଇସାରା ଦେଲି , ହେଲେ ଟିକିଏ ବି ବୁଝି ପାରିଲ ନାହିଁ ?

ସୁମତି କ'ଣ ଜାଣିଥିଲା ଚାମଚଟିକୁ ସିଧା ଭାବରେ  ପ୍ଲେଟରେ ରଖିଦେଲେ ଖାଇବା ଶେଷ ହୋଇଗଲାବୋଲି ଧରି ନିଆଯାଏ ? ଖାଇବାରେ ପୁଣି ଏତେ ନିୟମ କାନୁନ ? ଗ୍ଲାସ ଚାମଚ କେମିତି ଧରିବ , କେମିତି ରଖିବ , ଡ୍ରିଂକ୍ସ କେମିତି ନବ, କେମିତି ଖାଇବ, କେମିତି ହସିବ, କେମିତି ବସିବ ... ଏତେ କଥା ଅଛି ପୁଣି ?

କାହିଁ ଏସବୁ କଥା ତ ପାର୍ଟିକୁ ଯିବା ଆଗରୁ ତା ସ୍ୱାମୀ କହି ନଥିଲେ | ଆଜିର ଏ ଲଜ୍ଜାକର ପରିସ୍ଥିତିରୁ ତ ରକ୍ଷା ମିଳିଥାନ୍ତା | ସୁମତି ସେଦିନ ବହୁତ ଅଭିମାନ କରିଥିଲା ସ୍ୱାମୀଙ୍କ ଉପରେ | ଲୁଚେଇ ଲୁଚେଇ କାନ୍ଦିଥିଲା | ଫଁ ଫଁ ହେଇ ଯେମିତି ତା ଅନ୍ତର ଗର୍ଜି ଉଠିଥିଲା |

ଆଜି କୋଡିଏ ବର୍ଷ ପରେ ବି ସୁମତିର ମନରେ ଅଭୁଲା ହେଇ ରହିଯାଇଛି ଏମିତି ଅନେକ ଘଟଣା ପରି ଏଇ କଥାଟି | ସୁଦୀର୍ଘ ସାଂସାରିକ ଜୀବନର କଷଟି ପଥରରେ ସେ ପରୀକ୍ଷିତ ହେଇ ସାରିଛି | ଏବେ ତ କଣ୍ଟା ଚାମଚ ଧରି ଖାଇବାର ଅଦାବ କାଏଦା ତାଠୁ ଶିଖୁଛନ୍ତି ଅନ୍ୟମାନେ |

ତଥାପି ସେ କଥା ମନେ ପଡିଲେ ସେଇ କଣ୍ଟା ଚାମଚରେ ତୀକ୍ଷ୍ଣ ମୁନ ଗୁଡାକ ଫୋଡିପକାଏ ତା ପ୍ରାଣକୁ | କିନ୍ତୁ କଷ୍ଟ ଦିଏନା | ବରଂ କୁତୁ କୁତୁ କରେ | ତାକୁ ତାର ମୁନିଆ ଦାନ୍ତ ଗୁଡାକ ସୁମତିର ଅତୀତ ଜୀବନର ତିକ୍ତ ବ୍ୟଥାକୁ ଉପଶମ କରିଦିଅନ୍ତି |

**ଶ୍ରୀମତୀ ମନୋରମା ସହୁ**



*Sunaya Nanda*



*Sunaya Nanda*

## ***ପ୍ରଣୟ ର ଧାର***

ତୁମେ ମୋ ର , ମୁ ତୁମର
ଗୋଟିଏ ପାଚିରୀ , ଦୁଇଟି ଘର
ଅଜଣା ଜଣ ସମ୍ପର୍କ ଆମ ପରିବାର
ସତେକି ମିଳିଛି ଅବା ଚାନ୍ଦ କୁ ଚକୋର |

ଜାଣି ନ ଥିଲେ ତ କିଏ ପର , ଆପଣାର
ନ ଥିଲି ମୁ ଗୋରୀ ନ ତୁମେ କେଦାର
ତଥାପି ଭଲ ଲାଗେ ଦେଖିଦେଲେ ପରସ୍ପର
ହେଉ ପ୍ରେମ ଅବା ଭ୍ରମ ଅସ୍ପଷ୍ଟ ସ୍ୱପ୍ନର
ବିଧିର ବିଧାନ ଯେ କଲା ସ୍ବପ୍ନ ସାକାର |

ତୁମେ ମୋ ର , ମୁ ତୁମର
ଛାଡିବନି ହାତ ମୋର ଝୁଂଟିଲେ ବି ପଥର
ଶୁଣୁଥିବା ଏକ ହୋଇ ଆମ ଗୀତ ଆମ ସ୍ୱର
ନ ଥିବା ଛନ୍ଦ ଅବା ଦ୍ୱନ୍ଦ ସମାଜର |

ତୁମେ ମୋ ର , ମୁ ତୁମର
ଦେଖ ବିତିଛି  ସମ୍ପର୍କ ଆମ ୧୯ ବର୍ଷର
ଦାୟିତ୍ୱ ଦ୍ରାଘିମା ଲମ୍ବେ କେବେ ପାଖ କେବେ ଦୂର

ମୁ କଛି ତୁମେ କିଛି ସାଇଟିଛେ
ସଞ୍ଚି ସଞ୍ଚି ଦୁଇଟି ପ୍ରାଣର ଭଣ୍ଡାର
ପାଟି ପତ୍ନୀ ବନ୍ଧନ ରେ ବନ୍ଧା ଏକ ଡୋର
ସଦା ସୁଖେ ଝରୁ ଥାଉ ପ୍ରଣୟ ର ଧାର |

ହେ ଇଶ୍ୱର
ପ୍ରାର୍ଥନା ରେ ପାଶେ ରହୁ ମୋ ଶଙ୍ଖ ସିନ୍ଦୂର

***Sudipti Pattnaik***

# My right of way

- *Devi Patnaik*

*The flights are grounded*
*the birds fly merrily*
*For too long we have been holding sway*
*and they say, remember it's my right of way*

*The sky is blue again*
*no dust in the air*
*Could see the mountains*
*from towns afar.*

*Water in the lake*
*crystal clear*
*Fish swim without fear*
*there is no boat to steer*

*Turtles lay their eggs*
*time to set up nest*
*It's their world,*
*everything is having to rest.*

*Daffodils by the motorway*
*look so clean*
*The motors are out*
*the bulbs are free to sprout*

*If nature had a say*
*we came late in the day*
*For too long we have been holding sway*
*and they say, remember it's my right of way*

*Devi Prasad Patnaik*

## #ପଶ୍ଚାତାପ

## ଡ ଜୟଶ୍ରୀ ନନ୍ଦା

ଭୁଲ ଜିନିଷ
ମାଗି ବସନ୍ତି ଜଗତକର୍ତ୍ତାଙ୍କୁ
ଏ ମଣିଷ !
ମୋହର ବଶବର୍ତ୍ତୀ ହୋଇ
ମନକୁ ଆୟତ୍ତ କରିବା
ନୁହେଁ ତ ସହଜ।

ଚିକ, ମିକ୍ କରୁଥିବା
ସବୁ ଜିନିଷ ତ ସୁନା ନୁହେଁ ,
ମୁଁ ତ ମଣିଷ , ପ୍ରଭୁ
ରାମଚନ୍ଦ୍ର ,
ମା ସୀତା ସ୍ବର୍ଣ୍ଣମୃଗ ପାଇଁ
ପାଇଥିଲେ ଅନେକ
ଯାତନା ।

ହେଲେ ରାମାୟଣ ପଢି
ଶିଖିଲି କେଉଁଠି ,
କଷ୍ଟ ମୁଁ ଭୋଗିବିନି ତ
ଭୋଗିବ କିଏ ?

ଏ ହାତ ପାପ ସେ ହାତ
ଭୋଗିବ କାହିଁକି ,
ଭୂଲ୍ ତ ଭୂଲ୍
ମନ ବୋଲି କିଛି ନାହିଁ ,
ଭାବନାର ଅର୍ଥ କଣ ?

ଏଠି ସମସ୍ତଙ୍କୁ ସବୁ
ପରିପୂର୍ଣ୍ଣ ଦରକାର ,
ଏବେ ମନ?
ଯା କର
ଗଙ୍ଗା ସ୍ନାନ !

ନ ହେଲେ ପଶ୍ଚାତାପ ,
ଆଉ ଗୋଟିଏ ଉପାୟ ବି ଅଛି
ଅନିଚ୍ଛା ପରିବର୍ତ୍ତନ
କର ନିଜକୁ
ସେ ତ ମୃତ୍ୟୁ ସହ ଏକକାର

ଘୃଣିତ କୁ ଭଲ ପାଇବା ।

# ସାବିତ୍ରୀ

ଡ ଜୟଶ୍ରୀ ନନ୍ଦ ।

ମୁଁ ସାବିତ୍ରୀ ନୁହେଁ
ସହଭାଗିନୀ ଦୁଃଖର
ସୁଖର ନୁହେଁ
ସୁଖରେ ଭାଗି ହେବାକୁ ସମସ୍ତେ ସଜାଗ ।

ଦୁହିତା -
ଦୁଇ କୂଳର ହିତ ସାଧନ
ମୋର ବ୍ରତ , ମୋର ଧର୍ମ , ମୋର କର୍ମ ।

ଆବାଟରୁ ବାଟକୁ , ଅଧର୍ମ ରୁ ଧର୍ମ ପଥେ
ନେବାର ଶପଥ ନେଇଛି ଯେଣୁ
ଫୁଲ ପରି କୋମଳରୁ ପଥର ପରି ନିଜକୁ ଗଢିବି ମୁଁ ।

ନିନ୍ଦା ଆପନିନ୍ଦା ସହିବା ମୋର ଦେହସୁହା ,
ମୋ ପାଇଁ କର୍ମ ହିଁ ଜୀବନ ,
ଆଶା ନ ଥାଇ
ଜିଇଁବାର ଆନନ୍ଦ ।


*Sunaya Nanda*



*Sunaya Nanda*


*Sunaya Nanda*


*Sunaya Nanda*



*Textile Design – by Dishita Rout*




*Textile Design – by Dishita Rout*




*Textile Design – by Dishita Rout*


by Saian


By Saian



By Sajal




Art by Yatish Nath



Art by Yatish Nath




*Yatish Nath - International Dance & music festival, Cuttack Mahotsav, Odisha and 1st prize in Street dance championship @Kent*

## ଏକାନ୍ତର ସ୍ୱର୍ଶ

ନିସବଧ ରାଜରାସ୍ତାରେ, ବନ୍ଦ କବାଟେ,

ଲକଡାଉନର ଭୟଭିତେ ,

ଅନ୍ତର ମନରେ ମହକି ଉଠିଛୁ ଆଜି

କିବା ପାରିଜାତ ବାସ୍ନା ସତେ |

ଆଜି ନାହିଁ ମୋପାଖେ କେଉଁ ଭ୍ରମଣ କାହାଣୀ

ସାଙ୍ଗସାଥି ସହ ପିକନିକ, ପାର୍ଟିର ଚାହାଣି

ସ୍ଥିର ଆଜିମୁଁ ତୋ ପ୍ରତିବିମ୍ବ ଅନୁଧ୍ୟାନେ

ନିରବଦ୍ରଷ୍ଟା ହୋଇ ସମୟର ସ୍ୱାଭିମାନେ |

ବାହାର ରଙ୍ଗମଞ୍ଚର କୋଳାହଳରେ

ହଜିଯାଉଚ୍ଛୁ ଅନେକଙ୍କ ପାଇଁ ,

ନିରର୍ଥକ, ପିଡାଦାୟୀ, ଆତ୍ମଘାତିର

ଲାଞ୍ଛନା ସବୁ ଯେମିତି ତୋହରି ପାଇଁ |

## ଡ ଚିନ୍ମୟୀ ନାଥ

ମୋପାଇଁ କଇଁ ଫୁଲିଆ ଜହ୍ନ ଟିଏତୁ

ହସୁଥାଉ ମଉନତା ଭିତରେ,

କାଚ ଝରକାରେ ତୋଫା ରୂପେଲି କିରଣରେ,

ମନଟି ମୋର ଧୋଇହୋଇଯାଏ

ଖୋଲା ଆକାଶର ନୀଳିମାରେ |

ଏକାନ୍ତତୁ, ତୋରବା ଆକାର, ଅନ୍ତ କାହିଁ !

ଶୂନ୍ୟତାକୁ ବୁଝି ପାରିଲେ .........

ଏଇ ଜୀବନହିଁ ଜୀବନ୍ତ କେବଳ ତୋହରି ପାଇଁ |

# Gita Panda

**A beautiful past time of Lord Jagannath**

Long, long ago there was a panda in Puri named Arjun Mishra. Every day he used to read the whole Bhagavad-Gita. Because he spent a lot of his time studying the Gita, and due to his unflinching faith, the local people called him Gita Panda. He was a great devotee of Lord Jagannath, a very surrendered soul. He depended upon his Lord for everything. Whatever happened, he accepted as the desire of the Lord. Nothing could affect Gita Panda. He was a very poor person and lived by begging. Once there was heavy rain for about a week in Puri, and there was no scope for Gita Panda to go out begging. Whatever little stock he had, he finished very quickly. He and his family were forced to fast, yet Gita Panda was not disturbed. He spent his days happily reciting the Gita. He was happy that he could not go out, and felt it was a good opportunity for him because he had more time to read the Gita.

His wife became very angry with him. She chastised him. "Unless you go out and beg, how do you think your family will survive? We have three children. They will all die if you do not go out and get something for them!" Gita Panda was undisturbed. He showed her a verse from Bhagavad-Gita:

ananyas cintayanto mam yejanah paryupasate
tesam nityabhiyuktanam yoga-ksemam vahamy aham

"But those who always worship Me with exclusive devotion, meditating on My transcendental form—to them I carry what they lack, and I preserve what they have."

She became even angrier by her husband's behaviour. She waited for days, but still her husband brought nothing. He just kept telling her, "If we simply depend upon the Lord, He said He will take care of everything." The wife wondered how long she could wait. The children were very hungry due to want of food. She was very angry. Taking her husband's Bhagavad-Gita, she opened it at the verse he quoted and scratched three lines through the verse. Afterwards, frustrated and hungry, she and her children went to sleep. Sometime later, Gita Panda also took rest. Soon after, Gita Pandas wife heard a knock at the door. She rose from her bed and opened the door. There stood two very beautiful boys, and they had brought with them so many ingredients for preparing food. The brahmani was very surprised to see these two very beautiful boys. One of them was dark and the other had skin, the colour of milk. The dark boy told the brahmani ,"Please take these foodstuffs which have been sent by a friend of Gita Panda. Please cook and then eat to your hearts content." The brahmini was very pleased to see these very beautiful boys, and when she heard the boys voice, her heart filled with joy. She felt very affectionate towards them. She requested them to kindly wait until she prepared the food and take prasada with them. But the boy replied, "Yes, we desire greatly to take prasada with you and your good husband, but my tongue has been cut, and I cannot eat anything." After this, the boys took their leave.

Gita Pandas wife placed all the ingredients in the storeroom and went to call her husband to tell him of their good fortune. When Gita Panda came and saw that the entire storehouse was filled with varieties of ingredients, he asked his wife, "Did you feed these boys? I hope you were able to return their kindness and give them some prasada" His wife replied, "I asked them to wait and eat something, but the dark boy said that someone had cut his tongue in three places and he was unable to eat.

" When Gita Panda heard this, he immediately understood that the boy was the Lord Himself. Because his wife had scratched the verse in the Gita three times, the words, which emanated

from the lotus mouth of the Lord, reflected on His tongue. Gita Panda s wife realized that the Lord, to prove His promise that He maintains His devotees, had brought bhoga to His dear devotee. Immediately Gita Panda and his wife prepared to go to Jagannath temple to beg forgiveness and thank Him for His kindness. When they approached the altar, they saw that Jagannath had three spots on His lips.

**By: Santosh Kumar Sahu**







**By Shivika**

*Enchanted Room – By Angelina Mansingh*

*One day I was Infront of my room just thinking to open the door. I just said jokingly to the door, can you please open. For me this was the biggest surprise, the door opens automatically. The when I was about to pull my chair it was turn towards me and allowed me to sit. I sat on my chair and playing with my Globe. When I touch California with my gobble stick and thinking to visit there.*

*The next moment I was in California. As I am alone in California without my family, I was bit sacred. I am thinking how to go back to my room. Then saw my mom and Dad just coming from the front. I am so happy and amused.*



# ପୋଡପିଠା

ଡା ସହଦେବ ସ୍ବାଇଁ

ପୋଡପିଠାରେ ପୋଡପିଠା,
ଖାଇବାକୁ ଲାଗେ ଭାରି ମିଠା,
ମା଼୍ଆ ଭିଜାଇଲା ଚାଉଳ,
ଆଣ ବାଟିଦେଲା ବହଳ ।

ପକାଇଲା ଗୁଡ ମେନ୍ଟାଏ
ଛେନା ଛାଡିଦେଲା କେନ୍ଟାଏ,
ନଡିଆ କୋରଣି କରିଲା,
ସେଥିରେ ବି ତାକୁ ଭରିଲା ।

କଦଳୀ ପତର ପକାଇ,
ଭରିଦେଲା ବଡ଼ କଡେଇ,
ଚୁଲିର ଉପରେ ରଖିଲା,
ରାତିସାରା ନିଆଁ ଖାଇଲା।

ପୋଡପିଠା ହେଲା ତିଆରି,
ଖାଇବାକୁ ମନ ମୋହରି,
ହାତେ ପୋଡ଼ପିଠା ଖଣ୍ଡ,
ମୁଁ ତିଆଁମାରେ ସାରୀ ଦାଣ୍ଡ ।

ପରବ ଆସିଛି ରଜ,
ଝିଅମାନେ ସଜବାଜ,
ପାନ ଖାଉଛନ୍ତି ଅଜା,
ପୁଅମାନେ କଲେ ମଜା ।

କୁଆଁରୀ ଖେଳନ୍ତି ଦୋଳି,
ବଡ ପିଲାମାନେ ବାଗୁଡି ଖେଳନ୍ତି,
ଛୁଆମାନେ ଦେଲେ ତାଳି ,
ପରଦେଶେ ରହି ମରୁଛି ମୁଁ ଭାଳି ଭାଳି ।

## ***PAKHALA BHATA - By Dr Sahadev Swain***




You can take Odia out of Odisha but you cannot take *Pakhalbhata* out of Odia. Rice is rampantly produced in Odisha and no wonder it is the staple food . In Odishsa people can eat rice as breakfast, lunch and dinner. With *Pakhalbhata* the accompaniments of course depends upon the availability and affordability of other commodities. If nothing is available pepper and onion for poor households. In rich houses it is a luxury to have ten or 12 accompaniments. When the son-in-law is invited for the first time a variety of acccompaniments are prepared ,as a custom, to be served by the side of *Pakhalabhata*.

On the days when there were no facilities for safe storage of left over foods the women put rice in a shaded place in an earthen pot and put water into it. This can last for few more hours and can be eaten at a later time. If left overnight it becomes formented and brings added flavour. Particularly when consumed in the summer afternoon one can enjoy a lovely siesta. This is how *Pakhalbhat* is traditionally made.

*Pakhalbhat* can also be carried to the field by the farmers or even to school (as in my case ) by the students in a tiffin carrier to be enjoyed at the lunchtime .However, those who are not familiar with *Pakhalbhat* can be easily bemused showing the reason of lack of hygiene. Therefore I personally use *Dahipakhal or Dahibhat* for my personal use.

People can prepare this to suit their own taste. This is how I had prepared this recently.

I soaked the leftover rice with some milk and added some yoghurt to it . Adding some cashew nuts and dates and orange is optional. You can add some onion and green chilies if you like . Addition of herbs like coriander makes it tasty . In a pan take some oil and add some curry leaves and mustard seeds . As the mustards splatter pour the oil with the other contents to the pot of yogurt rice and mix it well. Your *dahibhat* is ready to enjoy ! How do you make yours ?

